# NATIONAL NEWS BULLETIN (ODIA)

## 2 October - 2024

## Morning Bulletin : 7.15 a.m.

************************************

## ମୁଖ୍ୟ ସମ୍ବାଦ

- ଦେଶରେ ଆଜି ପାଳିତ ହେଉଛି ଜାତିର ପିତା ମହାତ୍ମା ଗାନ୍ଧିଙ୍କ ୧୫୫ ତମ ଜୟନ୍ତୀ ଏବଂ ଲାଲବାହାଦୂର ଶାସ୍ତ୍ରୀଙ୍କ ଜନ୍ମ ଦିବସ ।

– ସତ୍ୟ, ଅହିଂସା, ପ୍ରେମ ଓ ପବିତ୍ରତାର ମୂଲ୍ୟବୋଧକୁ ଆପଣେଇବା ଲାଗି ଦେଶବାସୀଙ୍କୁ ଆହ୍ୱାନ ଦେଲେ ରାଷ୍ଟ୍ରପତି ।

- ସ୍ୱଚ୍ଛତା ସହ ଜଡ଼ିତ ୯ହଜାର ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କେତେକ ପ୍ରକଳ୍ପର ଆଜି ନୂଆଦିଲ୍ଲୀଠାରେ ଲୋକାର୍ପଣ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନର ତୃତୀୟ ପର୍ଯ୍ୟାୟରେ ହାରାହାରି ୬୫ ଦଶମିକ୍ ୫/୮ ପ୍ରତିଶତ ମତଦାତାଙ୍କ ମତାଧିକାର ସାବ୍ୟସ୍ତ ।
- ୧୪ଟି ବନ୍ୟା ପ୍ରଭାବିତ ରାଜ୍ୟ ପାଇଁ କେନ୍ଦ୍ର ପ୍ରଦାନ କଲା ୫ହଜାର ୮୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ।

ଏବଂ

- ଇସ୍ରାଏଲ୍ ଉପରେ ଗତକାଲି ଇରାନ୍ କରିଛି କ୍ଷେପଣାସ୍ତ୍ର ଆକ୍ରମଣ ।

– ମଧ୍ୟପ୍ରାଚ୍ୟରେ ବାୟୁସେନା ପକ୍ଷରୁ ଶକ୍ତିଶାଳୀ ଆକ୍ରମଣ କରାଯିବ; ଇସ୍ରାଏଲ୍ ସେନାର ସୂଚନା ।

## ଜନ୍ମଜୟନ୍ତୀ

ଜାତିର ପିତା ମହାତ୍ମା ଗାନ୍ଧିଙ୍କ ୧୫୫ତମ ଜୟନ୍ତୀ ଆଜି ପାଳନ କରାଯାଉଛି । ଦେଶରେ ଏବଂ ବିଦେଶରେ ମଧ୍ୟ ଜାତିର ପିତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ନୂଆଦିଲ୍ଲୀ ସ୍ଥିତ ବାପୁଜୀଙ୍କ ସମାଧିପୀଠ ରାଜଘାଟଠାରେ ଏକ ସର୍ବଧର୍ମ ପ୍ରାର୍ଥନାସଭା ଅନୁଷ୍ଠିତ ହେଉଛି ।

ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ଜନ୍ମଦିବସ ମଧ୍ୟ ଆଜି ପାଳନ କରାଯାଉଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସତ୍ୟ, ଅହିଂସା, ପ୍ରେମ ଏବଂ ପବିତ୍ରତାର ମୂଲ୍ୟବୋଧକୁ ଆପଣେଇବା ଲାଗି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଜାତିର ପିତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ରାଷ୍ଟ୍ରପତି କହିଛନ୍ତି, ବାପୁଜୀ ଲୋକଙ୍କୁ ଶାନ୍ତି ଓ ସହଯୋଗର ମାର୍ଗ ଅନୁସରଣ କରିବାକୁ ପ୍ରେରଣା ଦେଇଥିଲେ । ଅସ୍ପୃଶ୍ୟତା, ନିରକ୍ଷରତା, ପରିମଳ ଅବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସାମାଜିକ କୁ-ସଂସ୍କାର ଦୂର କରିବା ଲାଗି ଗାନ୍ଧିଜୀ ଅନେକ

ପଦକ୍ଷେପ ଗ୍ରହଣ କରିଥିଲେ । ମହିଳା ସଶକ୍ତିକରଣ ପାଇଁ ବାପୁଜୀ ସର୍ବଦା ପ୍ରୟାସ କରିଥିଲେ ବୋଲି ରାଷ୍ଟ୍ରପତି କହିଛନ୍ତି । ବାପୁଜୀଙ୍କ ଚିନ୍ତାଧାରା ଏବଂ କାର୍ଯ୍ୟଶୈଳୀ ସମାଜର ସବୁଠାରୁ ଦୁର୍ବଳ ଏବଂ ଅସୁରକ୍ଷିତ ଲୋକଙ୍କ ଦୃଢ଼ କରିବାରେ କେନ୍ଦ୍ରୀଭୂତ ଥିଲା ବୋଲି ରାଷ୍ଟ୍ରପତି କହିଛନ୍ତି ।

## ପ୍ରଧାନମନ୍ତ୍ରୀ-ସ୍ୱଚ୍ଛ ଭାରତ ଦିବସ

ଗାନ୍ଧି ଜୟନ୍ତୀ ଅବସରରେ ନୂଆଦିଲ୍ଲୀରେ ଆଜି ଆୟୋଜିତ ହେଉଥିବା ସ୍ୱଚ୍ଛ ଭାରତ ଦିବସ ୨୦୨୪ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ରୂପେ ଯୋଗଦେବେ । ସ୍ୱଚ୍ଛତା ହିଁ ସେବା ୨୦୨୪ର ବିଷୟବସ୍ତୁ ରହିଛି 'ସ୍ୱଭାବ ସ୍ୱଚ୍ଛତା – ସଂସ୍କାର ସ୍ୱଚ୍ଛତା' ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ୯ହଜାର ୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସ୍ୱଚ୍ଛତା ସହ ଜଡ଼ିତ କେତେକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ । ସେଥିମଧ୍ୟରେ ଅମୃତ **2.0** ଅଧୀନରେ ସହରାଞ୍ଚଳ ଜଳ ଓ ନର୍ଦ୍ଦମା ବ୍ୟବସ୍ଥାରେ ସୁଧାର ଆଣିବା ଉଦ୍ଦେଶ୍ୟରେ ୬ ହଜାର ୮୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ଏବଂ ସ୍ୱଚ୍ଛ ଗଙ୍ଗା ଲାଗି ଗଙ୍ଗା ଅବବାହିକା ଅଞ୍ଚଳରେ ଜଳର ଗୁଣବତ୍ତା ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ଉନ୍ନତି ଆଣିବା ଲାଗି ୧ହଜାର ୫୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୧୦ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ । ସ୍ୱଚ୍ଛ ଭାରତ ମିଶନ୍ ଶୁଭାରମ୍ଭର ୧୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱଚ୍ଛତା ହିଁ ସେବା ୨୦୨୪ ଅଧୀନରେ ୧୭ କୋଟିରୁ ଊର୍ଦ୍ଧ୍ୱ

ଲୋକଙ୍କ ଭାଗିଦାରୀରେ ୧୯ ଲକ୍ଷରୁ ଅଧିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଛି । ଇତିମଧ୍ୟରେ ପ୍ରାୟ ୧ ଲକ୍ଷ ସଫେଇ ମିତ୍ର ସୁରକ୍ଷା ଶିବିର ଆୟୋଜନ କରାଯିବା ସହ ପାଖାପାଖି ସାଢ଼େ ୬ ଲକ୍ଷ ସ୍ୱଚ୍ଛତା ଲକ୍ଷ୍ୟ ୟୁନିଟ୍‌ରେ ପରିବର୍ତ୍ତନ କରାଯାଇଛି ।

ସେହିପରି 'ଏକ୍ ପେଡ୍ ମା'କେ ନାମ୍' ଅଭିଯାନରେ ୪୫ଲକ୍ଷରୁ ଅଧିକ ଚାରା ରୋପଣ କରାଯାଇଥିବା ସରକାରୀ ଭାବେ କୁହାଯାଇଛି ।

# ଜେକେ-ନିର୍ବାଚନ

ଜାମ୍ମୁ କାଶ୍ମୀର ବିଧାନସଭା ଲାଗି ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଗତକାଲି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି । ଏହି ପର୍ଯ୍ୟାୟରେ ସନ୍ଧ୍ୟା ୭ଟା ସୁଦ୍ଧା ହାରାହାରି ୬୫ ଦଶମିକ୍ ୫/୮ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ବୋଲି ନିର୍ବାଚନ କମିଶନ୍ ସୂଚନା ଦେଇଛନ୍ତି । ସାମ୍ବା ଜିଲ୍ଲାରେ ୭୩ ଦଶମିକ୍ ୪/୫, ଉଧମପୁର ଜିଲ୍ଲାରେ ୭୨ ଦଶମିକ୍ ୯/୧ ପ୍ରତିଶତ, ଏବଂ ବାନ୍ଦିପୋରାରେ ୬୫ ଦଶମିକ୍ ୬/୫ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ବାନ୍ଦିପୋରାର ଗୁରେଜ୍ ବିଧାନସଭା ମଣ୍ଡଳୀ ପାଇଁ ସର୍ବାଧିକ ୭୫ ଦଶମିକ ୮/୯ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ବୋଲି ନିର୍ବାଚନ କମିଶନ୍

କହିଛନ୍ତି । ୭ଟି ଜିଲ୍ଲାର ୪୦ଟି ବିଧାନସଭା ମଣ୍ଡଳୀରେ ୫ହଜାର ୬୦ଟି ମତଦାନ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗତକାଲି ମତଗ୍ରହଣ କରାଯାଇଥିଲା ।

ଜାମ୍ମୁ କାଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ପ୍ରଥମଥର ଲାଗି ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଛି । ତିନୋଟି ପର୍ଯ୍ୟାୟ ମଧ୍ୟରୁ ଗତମାସ ୧୮ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ୬୧ ଦଶମିକ୍ ୩/୮ ପ୍ରତିଶତ ଏବଂ ୨୫ ତାରିଖରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୫୭ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାରୀ ସାବ୍ୟସ୍ତ କରିଥିଲେ । ଆସନ୍ତା ୮ ତାରିଖ ଦିନ ଭୋଟ୍ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ।

# କେନ୍ଦ୍ରୀୟ ପାଣ୍ଠି ପ୍ରଦାନ

୧୪ଟି ବନ୍ୟା ପ୍ରଭାବିତ ରାଜ୍ୟ ପାଇଁ କେନ୍ଦ୍ର ୫ ହଜାର ୮୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସହାୟତା ରାଶି ପ୍ରଦାନ କରିଛି । ସେଥିମଧ୍ୟରୁ ମହାରାଷ୍ଟ୍ର ପାଇଁ ୧ହଜାର ୪୯୨ କୋଟି, ଆନ୍ଧ୍ରପ୍ରଦେଶ ପାଇଁ ୧ହଜାର କୋଟିରୁ ଊର୍ଦ୍ଧ୍ୱ, ଗୁଜରାଟ ପାଇଁ ୬୦୦ କୋଟି ଏବଂ ତେଲଙ୍ଗାନା ପାଇଁ ପାଖାପାଖି ୪୭୦ କୋଟି ଅନ୍ତର୍ଭୁକ୍ତ । ପ୍ରବଳ ବର୍ଷା ଜନିତ ଭୂସ୍ଖଳନ ଏବଂ ବନ୍ୟା ଦ୍ୱାରା ଏହି ରାଜ୍ୟ ଗୁଡ଼ିକ ବିଶେଷ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ଆନ୍ତଃ ମନ୍ତ୍ରୀ ସ୍ତରୀୟ କେନ୍ଦ୍ରୀୟ କମିଟି ଆସାମ୍,

ମିଜୋରାମ୍, କେରଳ, ତ୍ରିପୁରା, ନାଗାଲାଣ୍ଡ, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ମଣିପୁର ଗସ୍ତରେ ଯାଇ ବନ୍ୟା ପରିସ୍ଥିତିର କ୍ଷେତ୍ରୀୟ ସମୀକ୍ଷା କରିଥିଲେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ବିହାର ଏବଂ ପଶ୍ଚିମବଙ୍ଗକୁ ଖୁବ୍ ଶୀଘ୍ର ଏହି ଦଳ ଗସ୍ତ କରି କ୍ଷୟକ୍ଷତିର ଆକଳନ କରିବେ । ତେବେ ଆକଳନ ରିପୋର୍ଟ୍ ମିଳିବା ପରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି, ପ୍ରଭାବିତ ରାଜ୍ୟ ଗୁଡ଼ିକୁ କେନ୍ଦ୍ର ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯାଉଛି । ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୨୧ଟି ରାଜ୍ୟକୁ ବିଭିନ୍ନ ମୁକାବିଲାର ଆହ୍ୱାନ ପାଇଁ ୧୪ ହଜାର ୯୦୦ କୋଟି ଟଙ୍କା ପ୍ରଦାନ କରାଯାଇସାରିଛି ବୋଲି ଶ୍ରୀ ଶାହା ସୂଚନା ଦେଇଛନ୍ତି ।

## ପ୍ରଧାନମନ୍ତ୍ରୀ-ଝାଡ଼ଖଣ୍ଡ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିନିକିଆ ଝାଡ଼ଖଣ୍ଡ ଗସ୍ତରେ ଯାଇ ହଜାରିବାଗ୍ ଠାରେ ୮୩ ହଜାର ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ସେଥିମଧ୍ୟରେ 'ଧର୍ତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ'ର ଶୁଭାରମ୍ଭ ହେବ । ୭୯ ହଜାର ୧୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହେବାକୁ ଥିବା ଏହି ଅଭିଯାନ ଦ୍ୱାରା ୬୩ ହଜାର

ଗ୍ରାମର ୫ କୋଟିରୁ ଊର୍ଦ୍ଧ୍ୱ ଜନଜାତି ବର୍ଗର ଲୋକ ଉପକୃତ ହୋଇପାରିବେ । ଏହି ଯୋଜନା ଦେଶର  ୫୪୯ଟି ଜିଲ୍ଲା ଅନ୍ତର୍ଗତ ୨ହଜାର ୭୪୦ଟି ବ୍ଲକ୍‌ରେ କାର୍ଯ୍ୟକାରୀ କରାଯାଉଛି ।

ଏହାଛଡ଼ା ଶ୍ରୀ ମୋଦୀ ୪୦ଟି ଏକଲବ୍ୟ ବିଦ୍ୟାଳୟର ଉଦ୍‌ଘାଟନ ସହ ୨୫ଟିର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ବିନୋବାଭାବେ ବିଶ୍ୱବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଗତମାସ ୨୦ ତାରିଖରୁ ଆରମ୍ଭ ହୋଇଥିବା ପରିବର୍ତ୍ତନ ଯାତ୍ରାର ଗାନ୍ଧୀ ମଇଦାନ ଠାରେ ଆୟୋଜିତ ହେବାକୁ ଥିବା ଉଦ୍ଯାପନୀ ସମାରୋହରେ ଉଦ୍‌ବୋଧନ ଦେବେ । ସେହିଭଳି ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ଅଧୀନରେ ଶ୍ରୀ ମୋଦୀ ୧ ହଜାର ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା କେତେକ ପ୍ରକଳ୍ପର ଲୋକାର୍ପଣ କରିବା ସହିତ ଅନ୍ୟ କେତେକର ଶିଳାନ୍ୟାସ କରିବେ ।

ଏହାଛଡ଼ା ଏହି ଯୋଜନା ଅଧୀନରେ ଶ୍ରୀ ମୋଦୀ ୩ହଜାର ଗ୍ରାମରେ ବସବାସ କରୁଥିବା ୭୫ ହଜାର ୮୦୦ ବିଶେଷ ଦୁର୍ବଳ ଜନଜାତି ସମ୍ପ୍ରଦାୟ ବ୍ୟକ୍ତିଙ୍କ ପରିବାରଙ୍କୁ ବିଦ୍ୟୁତ୍ ସଂଯୋଗ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

# ଡକ୍ଟର ଏସ୍. ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ୱାଶିଂଟନ୍ ଡିସି ଠାରେ ଆମେରିକା ପ୍ରତିପକ୍ଷ ଆଣ୍ଟୋନି ବ୍ଲିଙ୍କନ୍‌ଙ୍କ ସହ ଗତକାଲି ସାକ୍ଷାତ ଆଲୋଚନା କରିଛନ୍ତି । ଆମେରିକାର ଡେଲାୱେର୍ ଠାରେ ଅନୁଷ୍ଠିତ କ୍ୱାଡ୍ ଶିଖର ବୈଠକ ତଥା ଅନ୍ୟାନ୍ୟ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି । ଦ୍ୱିପାକ୍ଷିକ ସହଯୋଗ, ପଶ୍ଚିମ ଏସିଆ ସ୍ଥିତି, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ସମେତ ଅନ୍ୟାନ୍ୟ ବୈଶ୍ୱିକ ପରିସ୍ଥିତି ଆଲୋଚନାରେ ସ୍ଥାନ ପାଇଥିଲା ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

# ଇସ୍ରାଏଲ୍-ଇରାନ୍

ହିଜବୁଲ୍ଲା ଏବଂ ହମାସ୍ ଗୋଷ୍ଠୀର ବରିଷ୍ଠ ନେତାଙ୍କ ମୃତ୍ୟୁର ଜବାବରେ ଇରାନ୍ ଗତକାଲି ଇସ୍ରାଏଲ୍ ଉପରେ ଅତି କମ୍‌ରେ ୧୮୦ଟି କ୍ଷେପଣାସ୍ତ୍ର ମାଡ଼ କରିଛି । ଏହାକୁ ଦୃଷ୍ଟିରେ ରଖି ଇସ୍ରାଏଲ୍ ନାଗରୀକଙ୍କୁ ବୋମା ସୁରକ୍ଷା ସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ସେହି ଅଞ୍ଚଳରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ସମଗ୍ର ଇସ୍ରାଏଲ୍‌ରେ ସତର୍କ ସୂଚନା ଜାରି କରାଯାଇଥିବା ବେଳେ ଜେରୁଜେଲମ୍ ଏବଂ ତେଲ୍ ଆଭିବ୍‌ରେ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଥିଲା । ଇସ୍ରାଏଲ୍ ସେନା ମୁଖପାତ୍ର

ଡାନିଏଲ୍ ହାଗରୀ କହିଛନ୍ତି, ଏହି ଆକ୍ରମଣରେ କୌଣସି କ୍ଷୟକ୍ଷତିର ଖବର ମିଳିନାହିଁ । ବାୟୁସେନା ପକ୍ଷରୁ ମଧ୍ୟପ୍ରାଚ୍ୟରୁ ଶକ୍ତିଶାଳୀ ଆକ୍ରମଣ କରାଯିବ ବୋଲି ଶ୍ରୀ ହାଗରୀ ସୂଚନା ଦେଇଛନ୍ତି ।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଇସ୍ରାଏଲ୍‌କୁ ସମର୍ଥନ ସହ ଇରାନ୍ ପରିଣତି ଭୋଗ କରିବାକୁ ପଡ଼ିବ ବୋଲି ସତର୍କ କରାଇଦେଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ତେଲ୍ ଆଭିବ୍‌ରେ ଗତ ରାତିରେ ଗୁଳି ଚାଳନା ଏବଂ ଛୁରା ମାଡ଼ରେ ୬ ଜଣଙ୍କର ମୃତ୍ୟୁ ହେବା ସହ ୯ ଜଣ ଆହତ ହୋଇଛନ୍ତି । ଇରାନ୍ ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ ସୂଚନା ସମ୍ପର୍କିତ ସାଇରନ୍ ବାଜିବା ପରେ ସେଠାରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି । ଇସ୍ରାଏଲ୍ ପୁଲିସ୍ କହିଛି, ଏଥିରେ ୨ ଜଣ ବନ୍ଧୁକଧାରୀ ସଂଶ୍ଳିଷ୍ଟ ଥିଲେ ଏବଂ ସେମାନେ ପାଲଟା ଗୁଳିମାଡ଼ରେ ନିହତ ହୋଇଛନ୍ତି ।

## ପଶ୍ଚିମବଙ୍ଗ-ସିବିଆଇ

୨୦୧୪ ପ୍ରାଥମିକ ଟି.ଇ.ଟି. ପରୀକ୍ଷା ଦୁର୍ନୀତି ମାମଲାରେ ସି.ବି.ଆଇ. ପଶ୍ଚିମବଙ୍ଗର ପୂର୍ବତନ ଶିକ୍ଷାମନ୍ତ୍ରୀଙ୍କ ସହ ଅନ୍ୟ ଜଣେ ବ୍ୟକ୍ତି ଆୟନ୍ ସିଲ୍‌କୁ ଗିରଫ୍ କରିଛି । ତାଙ୍କୁ କାଲି ସି.ବି.ଆଇ. କୋର୍ଟ୍‌ରେ

ହାଜର କରାଯାଇଥିଲା । କୋଲକାତାର ପ୍ରେସିଡେଣ୍ଟସି ସଂଶୋଧନ ଗୃହରେ ସେମାନଙ୍କୁ ରଖା ଯାଇଛି ।

ସୂଚନା ଯୋଗ୍ୟ ଆର୍ଥିକ ହେର୍‌ଫେର୍ ମାମଲାରେ ସେମାନଙ୍କୁ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ୍ କରିଥିଲା ।

## ପ୍ରଧାନମନ୍ତ୍ରୀ-ଇ-ଡ୍ରାଇଭ୍ ଲଞ୍ଚ୍

ଭାରିଶିଳ୍ପ ମନ୍ତ୍ରୀ ଏଚ୍.ଡି. କୁମାର ସ୍ୱାମୀ ଗତକାଲି ନୂଆଦିଲ୍ଲୀ ଠାରେ ପି.ଏମ୍. ଇ-ଡ୍ରାଇଭ୍ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ଦୁଇ ବର୍ଷ ମଧ୍ୟରେ ୧୦ ହଜାର ୯୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ମନ୍ତ୍ରୀ ଡକ୍ଟର କୁମାର ସ୍ୱାମୀ କହିଛନ୍ତି । ଏଭଳି ପଦକ୍ଷେପ ଦେଶରେ ବୈଦ୍ୟୁତିକ ଯାନ ବ୍ୟବସାୟକୁ ତ୍ୱରାନ୍ୱିତ କରିବ ବୋଲି ସେ ସୂଚନା ଦେଇଛନ୍ତି । ବୈଦ୍ୟୁତିକ ଦୁଇ ଚକିଆ, ତିନି ଚକିଆ, ଆମ୍ବୁଲାନ୍ସ, ଟ୍ରକ୍ ଆଦି କ୍ଷେତ୍ର ପାଇଁ ପାଖାପାଖି ୩ହଜାର ୬୮୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଇ-ଆମ୍ବୁଲାନ୍ସ ମୁତୟନ ପାଇଁ ୫୦୦ କୋଟି, ୧୪ ହଜାର ଇ-ବସ୍ କିଣିବା ପାଇଁ ୪ହଜାର ୩୯୧ କୋଟି ଏବଂ ଅନ୍ୟାନ୍ୟ କ୍ଷେତ୍ର ସହ ତ୍ୱରିତ ଚାର୍ଜର ବ୍ୟବସ୍ଥା ପାଇଁ ୨ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ମନ୍ତ୍ରୀ ଡକ୍ଟର କୁମାର ସ୍ୱାମୀ କହିଛନ୍ତି ।